**Sambad, Bhubaneshwar, September 07, 2009**

# ଡିଏଭି ପୋଖରିପୁଟ୍ ଟିସିଏସ୍ ଆଇଟି କ୍ୱିଜ୍ ବିଜେତା



ଭୁବନେଶ୍ୱର, ୬/୯: ଟାଟା କନ୍ସଲ୍ଟାନ୍ସି ସର୍ଭିସେସ୍ (ଟିସିଏସ୍)ର ଆଇଟି କ୍ୱିଜ୍ ୨୦୦୯ ପ୍ରତିଯୋଗିତାର ଆଞ୍ଚଳିକ ରାଉଣ୍ଡରେ ଡିଏଭି ପୋଖରିପୁଟ ବିଜେତା ଘୋଷିତ ହୋଇଛି। ହୋଟେଲ୍ ସ୍ୱସ୍ତି ପ୍ରିମିୟମ ଠାରେ ଆୟୋଜିତ ଏହି ପ୍ରତିଯୋଗିତାରେ ୧୨୦୦ରୁ ଅଧିକ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଡିଏଭି ପୋଖରିପୁଟର ଅଗ୍ନିଜ୍ୟୋତି ଦାସ ଓ ଅମ୍ରିଶ ଷଡଙ୍ଗୀ ପୁରସ୍କାର ସହ ଗୋଟିଏ ଲେଖାଏଁ ଲ୍ୟାପଟପ୍ ପାଇଥିଲେ। ସେହିପରି ରାଜେନ୍ଦ୍ର ବିଦ୍ୟାଳୟ ଜାମସେଦପୁରର ବିଦ୍ୟାର୍ଥୀ ଅନୁରାଗ ରଞ୍ଜନ ଓ ଅର୍ବିନ୍ଦ ଘୋଷ ରନର୍ସ ଅପ୍ ଭାବେ ଡିଜିଟାଲ୍ କ୍ୟାମେରା ଓ ଡିଜିଟାଲ୍ ଫଟୋ ଫ୍ରେମ୍ ପୁରସ୍କାର ପାଇଥିଲେ। ବିଏମସି କମିସନର ବିଶାଲ ଦେବ ବିଜେତାଙ୍କୁ ପୁରସ୍କୃତ କରିଥିଲେ। ଏହି ଅବସରରେ ଟିସିଏସ୍ ଭୁବନେଶ୍ୱର ସେଣ୍ଟରର ମୁଖ୍ୟ ମନୋଜ ପଣ୍ଡା କହିଲେ ଟିସିଏସ୍ ଆଇଟି କ୍ୱିଜ୍ ପ୍ରତି ଛାତ୍ରଛାତ୍ରୀଙ୍କ ଆଗ୍ରହ ବଢ଼ିବାରେ ଲାଗିଛି। ଛାତ୍ର ସମାଜକୁ ଟେକ୍ନୋଲୋଜି ଆଗ୍ରହୀ କରିବାରେ ଏହି ପ୍ରତିଯୋଗିତା ସହାୟକ ହୋଇପାରିବ।